ଓରିଏଣ୍ଟାଲ ବୀମା କମ୍ପାନୀ ଲିମିଟେଡ

ବନାମ

ସାମୟାନାଲୁର ପ୍ରାଥମିକ କୃଷି ସମବାୟ ସମିତି ବ୍ୟାଙ୍କ

ନଭେମ୍ବର 2,1999

[ଏସ୍. ସାଘିର ଅହମ୍ମଦ ଏବଂ ଆର୍. ପି. ସେଠୀ, ନ୍ୟାୟମୂର୍ତ୍ତି ଦ୍ୱୟ]

*ବୀମା*

*ଚୋରି ହେତୁ ବୀମା ଯୋଜନା ର ପରିସର - ଟଙ୍କା ବାକ୍ସରୁ ଟଙ୍କା ଏବଂ ଗହଣା ଚୋରି - ନିରାପଦ ସିନ୍ଦୁକରୁ କେବଳ ଟଙ୍କା କିମ୍ବା ଗହଣା ଚୋରି ହେତୁ ହୋଇଥିବା କ୍ଷତି ନିମିତ୍ତ ବୀମା ଯୋଜନା - ' ନିରାପଦ ସିନ୍ଦୁକ 'ର ଅର୍ଥ - ରାୟ ଦିଆଗଲା ଯେ ବୀମା ଯୋଜନାରେ କେବଳ ସମ୍ପର୍କିତ ହୋଇଥିବା ବ୍ୟାଖ୍ୟା ଅନୁଯାୟୀ ବୀମା ଯୋଜନାକୁ ବିଚାର କରାଯିବ - ବୀମା ଯୋଜନାର ଅର୍ଥ ର ପରିସର ମଧ୍ୟରେ ଟଙ୍କା ବାକ୍ସକୁ ନିରାପଦ ସିନ୍ଦୁକ ସହିତ ଅନୁରୂପ ଭାବେ ତୁଳନା କରାଯାଇପାରିବ ନାହିଁ- ତେଣୁ, ଏଠାରେ ହୋଇଥିବା ଚୋରି ବୀମା ଯୋଜନାର ପରିସର ଅନ୍ତର୍ଭୁକ୍ତ ନୁହେଁ ।*

**ଉତ୍ତରଦାତା - ବ୍ୟାଙ୍କ ଆବେଦନକାରୀଙ୍କ ଠାରୁ ଏକ ଚୋରି ହେତୁ ବୀମା ଯୋଜନା କରାଇଥିଲେ ଏବଂ ଯୋଜନା ଚାଲୁ ରହିଥିବା ବେଳେ , ଉତ୍ତରଦାତାଙ୍କ ପରିସର ମଧ୍ୟରେ ଚୋରି ହୋଇଥିଲା ଯାହା ଫଳରେ ଟଙ୍କା ଥିବା ଟଙ୍କା ବାକ୍ସ ଏବଂ ବନ୍ଧକ ରଖାଯାଇଥିବା ଗହଣା ମିଳି ନଥିଲା । ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଦାବିକୁ ଜିଲ୍ଲା ମଞ୍ଚ ଦ୍ୱାରା ଅନୁମତି ଦିଆଗଲା । ଆବେଦନରେ, ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗ, ଜିଲ୍ଲା ମଞ୍ଚର ଆଦେଶକୁ ରଦ୍ଦ କରି ଏପରି ଧରି ନେଲେ ଯେ ବୀମା ଯୋଜନା ଯାହାକି କେବଳ ଟଙ୍କା କିମ୍ବା ନିରାପଦ ସିନ୍ଦୁକରେ ଥିବା ଗହଣାର ଚୋରି ଜନିତ କ୍ଷତିକୁ ଅନ୍ତର୍ଭୁକ୍ତ କରେ ତାହାର ଅର୍ଥର ପରିସର ମଧ୍ୟରେ "କୋଷ ରକ୍ଷକ" ଙ୍କ ଟଙ୍କା ବାକ୍ସ "ନିରାପଦ ସିନ୍ଦୁକ" କୁ ସୂଚାଏ ନାହିଁ । "ନିରାପଦ" ଶବ୍ଦର ଅର୍ଥ ସମ୍ବନ୍ଧୀୟ ରାଜ୍ୟ ଆୟୋଗଙ୍କ ସିଦ୍ଧାନ୍ତକୁ ଅଗ୍ରାହ୍ୟ କରି ଜାତୀୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ଦ୍ୱାରା ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ପୁନଃରୀକ୍ଷଣକୁ ଆଂଶିକ ଭାବରେ ଅନୁମତି ଦିଆଯାଇଥିଲା ଏବଂ ଉତ୍ତରଦାତାଙ୍କର ହୋଇଥିବା ପ୍ରକୃତ କ୍ଷତିକୁ ନିର୍ଦ୍ଧାରଣ କରିବା ପାଇଁ**

**ମାମଲାଟିକୁ ଏହା ନିଜ ଅଧିନକୁ ଆଣିଲେ । ଜାତୀୟ ଆୟୋଗଙ୍କ ଆଦେଶରେ ଅସନ୍ତୁଷ୍ଟ ହୋଇ, ବୀମା କମ୍ପାନୀ ବର୍ତ୍ତମାନର ଆବେଦନ ଦାଖଲ କରିଛନ୍ତି ।**

**ଆବେଦନକାରୀ ଯୁକ୍ତି କଲେ ଯେ 'ନିରାପଦ ସିନ୍ଦୁକ' ଅଭିବ୍ୟକ୍ତିଟି କେବଳ ବୀମା ଯୋଜନା ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଦସ୍ତାବିଜଗୁଡ଼ିକୁ ସମ୍ପର୍କିତ କରି ବ୍ୟାଖ୍ୟା କରାଯିବା ଆବଶ୍ୟକ, କିନ୍ତୁ ଶବ୍ଦକୋଷକୁ ସୂଚିତ କରି ବ୍ୟାଖ୍ୟା କରାଯିବା ଉଚିତ ନୁହେଁ ।**

**ଆବେଦନକୁ ଅନୁମତି ଦେଇ , ଏହି ନ୍ୟାୟାଳୟ**

**ରାୟ ଦେଲେ ଯେ : 1.ବୀମା ରେ ଥିବା ପ୍ରସ୍ତାବ ଏବଂ ବୀମା ଯୋଜନାର ଏକ ମିଳିତ ପଠନ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ସୁନା ଗହଣା ଏବଂ ଟଙ୍କା ନିରାପଦ ସିନ୍ଦୁକରେ ବିମାକୃତ ହୋଇଥିଲା ଏବଂ ସିନ୍ଦୁକରେ ସୁରକ୍ଷିତ ଭାବରେ ଏହାକୁ ତାଲା ପକାଇ ରଖାଯାଇଥିଲା , ଯାହାକି ସ୍ୱୟଂ ବିମାଧାରୀଙ୍କ ପ୍ରସ୍ତାବରେ ବର୍ଣ୍ଣନା କରାଯାଇଥିଲା । ସ୍ୱୀକାରଯୋଗ୍ୟ, ଉପରୋକ୍ତ ନିରାପଦ ସିନ୍ଦୁକଟି ପ୍ରକୃତରେ ବିଦ୍ୟମାନ ନଥିଲା ଏବଂ ଯେଉଁ "ସିନ୍ଦୁକ" ପାଇଁ ବୀମା ଯୋଜନା ହୋଇଥିଲା ସେଥିରୁ ଚୋରି ହୋଇନାହିଁ ।**

**2. "ନିରାପଦ ସିନ୍ଦୁକ" ଶବ୍ଦର ଅର୍ଥ ବୁଝିବା ପାଇଁ ଅଭିଧାନଗୁଡ଼ିକର ସାହାଯ୍ୟ ଲୋଡ଼ିବାର କୌଣସି ଆବଶ୍ୟକତା ନଥିଲା, ଯାହା ବର୍ତ୍ତମାନର ମାମଲାରେ ପକ୍ଷମାନେ ସେମାନଙ୍କ ପ୍ରସ୍ତାବ ଉପସ୍ଥାପନା କରିବା ସମୟରେ ଏବଂ ବୀମା ଯୋଜନା କୁ ଗ୍ରହଣ କରିବା ସମୟରେ ବୁଝିଯାଇଛନ୍ତି ବୋଲି ପ୍ରମାଣ ହୋଇଛି । ବୀମା ଯୋଜନାର ଅର୍ଥର ପରିସର ମଧ୍ୟରେ କୋଷ ରକ୍ଷକଙ୍କ ବାକ୍ସକୁ ନିରାପଦ ସିନ୍ଦୁକ ସହିତ ଅନୁରୂପ ଭାବେ ତୁଳନା କରାଯାଇପାରିବ ନାହିଁ । ଆରୋପିତ ଚୋରି ଏବଂ ଗହଣା ଓ ଟଙ୍କା ଥିବା ଟଙ୍କା ବାକ୍ସକୁ ହଟାଇବା, ପକ୍ଷମାନଙ୍କ ମଧ୍ୟରେ କରାଯାଇଥିବା ବୀମା ଯୋଜନାର ପରିସର ମଧ୍ୟରେ ଅନ୍ତର୍ଭୁକ୍ତ ନଥିଲା । ବୀମା ଯୋଜନାରେ କେବଳ ସୂଚିତ ହୋଇଥିବା ବ୍ୟାଖ୍ୟା ଅନୁଯାୟୀ ବୀମା ଯୋଜନାକୁ ବିଚାର କରାଯିବ କିନ୍ତୁ ଏଥିରେ ଦେଖାଯାଉଥିବା ଶବ୍ଦଗୁଡ଼ିକୁ କୌଣସି କୃତ୍ରିମ ସୁଦୂରପ୍ରସାରୀ ଅର୍ଥ ଦିଆଯାଇପାରିବ ନାହିଁ ।**

`ଦେୱାନୀ ଆବେଦନ ଅଧିକାରିତା : ଦେୱାନୀ ଆବେଦନ ସଂଖ୍ୟା 8716/1997

ପୁନଃରୀକ୍ଷଣ ଆବେଦନ ସଂଖ୍ୟା 343/1996 ରେ ନୂଆଦିଲ୍ଲୀ ସ୍ଥିତ ଜାତୀୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ର 1.5.97 ତାରିଖର ରାୟ ଏବଂ ଆଦେଶରୁ ବର୍ତ୍ତମାନର ଏହି ଆବେଦନ ।

ଆବେଦନକାରୀଙ୍କ ତରଫରୁ ନାଜମି ୱାଜିରି ଏବଂ ଇରଶାଦ ଅହମ୍ମଦ ।

ଉତ୍ତରଦାତାଙ୍କ ତରଫରୁ  କେ. ବି. ସୁନ୍ଦର ରାଜନ ।

**ନ୍ୟାୟମୂର୍ତ୍ତି ସେଠୀଙ୍କ** ଦ୍ୱାରା ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା  ।

ଆବେଦନକାରୀ-କମ୍ପାନୀ ସହିତ ଉତ୍ତରଦାତା-ବ୍ୟାଙ୍କ ଦୁଇଟି ବୀମା ଯୋଜନା କରିଥିଲେ, ଯେଉଁଥିରୁ ଗୋଟିଏ ଥିଲା  Rs. 1 ଲକ୍ଷ ଟଙ୍କାର ବୀମା ଯୋଜନା ଏବଂ ଦ୍ୱିତୀୟଟି ଥିଲା Rs. 25 ଲକ୍ଷ ଟଙ୍କାର ଚୋରି ଜନିତ ବୀମା ଯୋଜନା । ପରବର୍ତ୍ତୀ ବୀମା ଯୋଜନା ରେ ଥିବା ଅବଧି 6.11.1992 ରୁ 5.11.1993 ପର୍ଯ୍ୟନ୍ତ ଥିଲା ।ଜାନୁଆରୀ 27, 1993 ତାରିଖ ରାତିରେ ବୀମାକୃତ ବ୍ୟାଙ୍କ୍ ପରିସରରେ ଏକ ଚୋରି ହୋଇଥିଲା ଯାହା ଫଳରେ ଟଙ୍କା ବାକ୍ସ ନିଖୋଜ ଥିବା ଜଣାପଡ଼ିଥିଲା, ଯେଉଁଥିପାଇଁ ପୋଲିସ ନିକଟରେ ଏକ ଅଭିଯୋଗ ଦାଖଲ କରାଗଲା ଏବଂ ବନ୍ଧକ ରଖାଯାଇଥିବା ଗହଣା ଯାହାକି କଥିତ ରୂପେ  Rs. 9, 279.25 ଟଙ୍କା ସହିତ ଚୋରି ହୋଇଥିଲା , ସେହି ଗହଣାର ଅନୁରୂପ ମୂଲ୍ୟକୁ ପ୍ରାପ୍ତ କରିବା ପାଇଁ ଆବେଦନକାରୀ କମ୍ପାନୀଙ୍କ ନିକଟରେ ଏକ ଦାବି କରାଗଲା । ମଦୁରାଇର ଜିଲ୍ଲା ଉପଭୋକ୍ତା ସମାଧାନ ମଞ୍ଚ,  (ଏହା ପରେ "ଜିଲ୍ଲା ମଞ୍ଚ" ଭାବରେ ସୂଚିତ) ଯେଉଁଠାରେ ଅଭିଯୋଗ ଦାଖଲ କରାଯାଇଥିଲା, ତାହା ଉତ୍ତରଦାତା-ବ୍ୟାଙ୍କର ଦାବିକୁ ଅନୁମତି ଦେଇଥିଲେ ଏବଂ ଦାବି ଆବେଦନରେ ଅନୁରୋଧ ଅନୁଯାୟୀ ଏହାକୁ କ୍ଷତିପୂରଣ ପ୍ରଦାନ କରିଥିଲେ । ଆବେଦନରେ, ରାଜ୍ୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗ,  (ଏହା ପରେ "ରାଜ୍ୟ ଆୟୋଗ" ଭାବରେ ସୂଚିତ) ଜିଲ୍ଲା ମଞ୍ଚର ର ଅଧିନିର୍ଣ୍ଣୟ କୁ ରଦ୍ଦ କରି ଧରି ନେଲେ ଯେ " କୋଷ ରକ୍ଷକଙ୍କ ଟଙ୍କା ବାକ୍ସ " ଯେଉଁଥିରେ କଥିତ ରୂପେ ଗହଣା ଏବଂ ଟଙ୍କା ରଖାଯାଇଥିଲା ତାହା ଯୋଜନାର ଯାହା '' କେବଳ ନିରାପଦ ସିନ୍ଦୁକରେ ଥିବା ଟଙ୍କା ଏବଂ ଗହଣା ଚୋରି ଜନିତ କ୍ଷତିକୁ ଅନ୍ତର୍ଭୁକ୍ତ କରୁଥିଲା ତାହାର ଅର୍ଥ ମଧ୍ୟରେ '' ଏକ ନିରାପଦ ସିନ୍ଦୁକ '' ନଥିଲା । ରାଜ୍ୟ ଆୟୋଗଙ୍କ ଦ୍ୱାରା ବ୍ୟାଖ୍ୟା କରାଯାଇଥିବା '' ନିରାପଦ ସିନ୍ଦୁକ '' ଶବ୍ଦର ଅର୍ଥ ସମ୍ବନ୍ଧୀୟ ଫଳାଫଳକୁ ରଦ୍ଦ କରି ଉତ୍ତରଦାତା-ବ୍ୟାଙ୍କ ଦ୍ୱାରା ଦାଖଲ କରାଯାଇଥିବା ପୁନଃରୀକ୍ଷଣକୁ ନୂଆଦିଲ୍ଲୀ ସ୍ଥିତ ଜାତୀୟ ଉପଭୋକ୍ତା ବିବାଦ ସମାଧାନ ଆୟୋଗଙ୍କ ,  (ଏହା ପରେ 'ଜାତୀୟ ଆୟୋଗ' ଭାବରେ ସୂଚିତ) ଦ୍ୱାରା ଆଂଶିକ ଭାବେ ସ୍ୱୀକାର କରାଗଲା ଏବଂ ଉତ୍ତରଦାତା-ବ୍ୟାଙ୍କର କ୍ଷତିର ପରିମାଣକୁ ନିର୍ଦ୍ଧାରିତ କରିବା ପାଇଁ ତଦନ୍ତ ନିମନ୍ତେ ମାମଲାକୁ ରାଜ୍ୟ ଆୟୋଗଙ୍କ ନିକଟକୁ ପଠାଇ ଦିଆଗଲା । ଜାତୀୟ ଆୟୋଗଙ୍କ ଆଦେଶରେ ସନ୍ତୁଷ୍ଟ ନହୋଇ, ଆବେଦନକାରୀ କମ୍ପାନୀ ଏହି ଆବେଦନକୁ  ଦାଖଲ କରିଛନ୍ତି ।

ଆବେଦନକାରୀ-କମ୍ପାନୀ ପକ୍ଷରୁ ହାଜର ହୋଇଥିବା ବିଦ୍ୱାନ ଅଧିବକ୍ତା ଯୁକ୍ତି ଦର୍ଶାଇଛନ୍ତି ଯେ "ନିରାପଦ ସିନ୍ଦୁକ" ଅଭିବ୍ୟକ୍ତିର ଅର୍ଥ ବ୍ୟାଖ୍ୟା କରିବା ପାଇଁ ଜାତୀୟ ଆୟୋଗ ଅଭିଧାନଗୁଡ଼ିକର ସହାୟତା ଲୋଡ଼ିବା ଯଥାର୍ଥ ନୁହେଁ ।ତାଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ ବର୍ତ୍ତମାନ ମାମଲାରେ "ନିରାପଦ ସିନ୍ଦୁକ" ଅଭିବ୍ୟକ୍ତିଟି ବୀମା ଯୋଜନା ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଦସ୍ତାବିଜଗୁଡ଼ିକୁ ସୂଚିତ କରି ବ୍ୟାଖ୍ୟା କରାଯିବାର ଆବଶ୍ୟକ ଥିଲା । ଆମେ ତାଙ୍କ ଉପସ୍ଥାପନାରେ ସାରମର୍ମ ପାଉଛୁ ।

ଘର ଭାଙ୍ଗିବା କିମ୍ବା ଚୋରି ସମ୍ବନ୍ଧୀୟ ବୀମା ଯୋଜନା ଦର୍ଶାଏ ଯେ ସୁନା ଏବଂ ଗହଣା "ନିରାପଦ ସିନ୍ଦୁକ" ରେ ରଖି ବନ୍ଧକ ରଖାଯାଇଥିଲା । ବୀମା କୃତ ହୋଇଥିବା ଟଙ୍କା ଏବଂ ନୋଟ୍ ଗୁଡ଼ିକ ଏପରି  ଟଙ୍କା ଏବଂ ନୋଟ୍ ଥିଲା, ଯାହାକୁ " ନିରାପଦ ସିନ୍ଦୁକରେ" ରେ ତାଲା ପକାଇ ରଖାଯାଇଥିଲା । ଉତ୍ତରଦାତା - ବ୍ୟାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଭଳି ଘର ଭାଙ୍ଗିବା ଏବଂ ବ୍ୟବସାୟିକ ପରିସରରେ ଥିବା ଚୋରି ହୋଇଥିବା  ସାମଗ୍ରୀର ବୀମା କୃତ ପ୍ରସ୍ତାବରେ, ବୀମା କୃତଙ୍କ ଦ୍ୱାରା ଆବଶ୍ୟକ ଏବଂ ପ୍ରକୃତରେ ଦାଖଲ କରାଯାଇଥିବା ବିଭିନ୍ନ ସୂଚନା ରହିଥିଲା । ଉକ୍ତ ପ୍ରସ୍ତାବର ସ୍ତମ୍ଭ 3 ( a) ଏବଂ ( b) କୁ ନିମ୍ନ ମତେ ପଠନ କରାଯାଏ :

" 3 (a) ଯେତେବେଳେ ପରିସର ବନ୍ଦ ଥାଏ , ସେତେବେଳେ ସମସ୍ତ ମୂଲ୍ୟବାନ ଜିନିଷ ନିରାପଦ ସିନ୍ଦୁକ ଭିତରେ ସୁରକ୍ଷିତ ଅଛି କି ? ହଁ ।

(b) ଯଦି ହଁ, ତେବେ ନିରାପଦ ସିନ୍ଦୁକର ନିର୍ମାତାଙ୍କର ନାମ ଏବଂ ଏହାର ମୂଲ୍ୟ କୁହନ୍ତୁ ।   ଟାଟ୍ବା "

ପ୍ରବେଶ 3 (a)  ପାଇଁ  ବୀମାକୃତ "ହଁ" କହିଥିଲେ ଏବଂ ପ୍ରବେଶ 3 (b) ପାଇଁ ନିରାପଦ ସିନ୍ଦୁକର ନିର୍ମାତାଙ୍କର ନାମ ନିର୍ଦ୍ଦିଷ୍ଟ କରାଯାଇଥିଲା । ବୀମା ପ୍ରସ୍ତାବ ଏବଂ ବୀମା ଯୋଜନାର ମିଳିତ ପଠନ ସ୍ପଷ୍ଟ ଭାବରେ ସୂଚିତ କରେ ଯେ ସୁନା ଗହଣା ଏବଂ ଟଙ୍କାକୁ ନିରାପଦ ସିନ୍ଦୁକରେ ରଖାଯାଇ ବୀମାକୃତ କରାଯାଇଥିଲା  ଏବଂ ସୁରକ୍ଷା ନିମିତ୍ତ ତାଲା ପକାଯାଇଥିଲା , ଯାହାକି ବୀମାକୃତଙ୍କ ଦ୍ୱାରା ସ୍ୱୟଂ  ପ୍ରସ୍ତାବରେ ନିର୍ଦ୍ଧାରିତ କରାଯାଇଥିଲା । ସ୍ୱୀକାରଯୋଗ୍ୟ ଯେ , ଉପରୋକ୍ତ ନିରାପଦ ସିନ୍ଦୁକଟି ପ୍ରକୃତରେ ବିଦ୍ୟମାନ ନଥିଲା ଏବଂ ଯେଉଁ "ନିରାପଦ ସିନ୍ଦୁକ" ପାଇଁ ବୀମା ଯୋଜନା କରାଯାଇଥିଲା ସେଥିରୁ ଚୋରି ହୋଇନାହିଁ । ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, "କୋଷ ରକ୍ଷକଙ୍କ ଟଙ୍କା ବାକ୍ସରୁ " ଚୋରି ହୋଇଥିଲା । ସର୍ବେକ୍ଷଣକାରୀ ଶ୍ରୀ ଶ୍ରୀଧର ଜାନୁଆରୀ 27, 1993 ତାରିଖରେ ତାଙ୍କ ସର୍ବେକ୍ଷଣ ବିବରଣୀରେ ଦର୍ଶାଇଥିଲେ ଯେ ଚୋରି ହୋଇଥିବା ଗହଣାଗୁଡ଼ିକୁ ନିରାପଦ ସିନ୍ଦୁକରେ ରଖାଯାଇ ନଥିଲା ଏବଂ ଉକ୍ତ ଚୋରି, ବୀମା ଯୋଜନାରେ ଅନ୍ତର୍ଭୁକ୍ତ

ହୋଇନଥିଲା । ବୀମା ଯୋଜନା ଏବଂ ଏହା ସହିତ ଥିବା ପ୍ରସ୍ତାବକୁ ସଠିକ୍ ଭାବରେ ତର୍ଜମା ନକରି ଜିଲ୍ଲା ମଞ୍ଚ ଆବେଦନକାରୀ - କମ୍ପାନୀକୁ ମୋଟ Rs 43, 729.25 ଟଙ୍କା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଲେ ।ରାଜ୍ୟ ଆୟୋଗ ତାଙ୍କ ସମ୍ମୁଖରେ ଉପସ୍ଥାପିତ ଚୋରି ହେତୁ ବୀମା ଯୋଜନା ପ୍ରଦର୍ଶ A-3 ଏବଂ ଟଙ୍କା ବୀମା ଯୋଜନା ପ୍ରଦର୍ଶ A-4 କୁ ସୂଚିତ କଲେ । ପ୍ରାସଙ୍ଗିକ ଦସ୍ତାବିଜ ଗୁଡ଼ିକୁ ସୂଚିତ କରି ଆୟୋଗ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ପ୍ରଦର୍ଶ A - 3 '' ନିରାପଦ ସିନ୍ଦୁକରେ ବନ୍ଧକ ରଖାଯାଇଥିବା ସୁନା ଗହଣାକୁ ଅନ୍ତର୍ଭୁକ୍ତ କରେ ଏବଂ ବୀମା ପ୍ରସ୍ତାବ ପ୍ରଦର୍ଶ B - 7 ରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ଟାନ୍ସୀ ଦ୍ୱାରା ନିର୍ମିତ ନିରାପଦ ସିନ୍ଦୁକରେ ସମସ୍ତ ମୂଲ୍ୟବାନ ସାମଗ୍ରୀଗୁଡ଼ିକ ସୁରକ୍ଷିତ ଥିଲା ।ଟଙ୍କା ବାକ୍ସଟି, ଟଙ୍କା କାଉଣ୍ଟର ନିକଟରେ କୋଷ ରକ୍ଷକଙ୍କ ଦ୍ୱାରା ରଖାଯାଇଥିବା ଏକ ଛୋଟ ବାକ୍ସ ବୋଲି ଧରି ନିଆଗଲା ଯାହାକୁ ସହଜରେ ସେଠାରୁ ହଟାଇ ଦିଆଯାଇପାରିବ । ରାଜ୍ୟ ଆୟୋଗ ଆହୁରି ଧରି ନେଲେ ଯେ :

> " ଯାହା ବୀମା କୃତ ହୋଇଛି ତାହା ଟଙ୍କା ବାକ୍ସରେ ଥିବା ସାମଗ୍ରୀ ନୁହେଁ, ବରଂ ନିରାପଦ ସିନ୍ଦୁକରେ ରଖାଯାଇଥିବା ଗହଣା, ଯାହାର ଅର୍ଥ ହେଉଛି ପ୍ରଦର୍ଶ B- 7 ରେ ପ୍ରସ୍ତାବ ଫର୍ମରେ ସମ୍ମତି ଦିଆଯାଇଆଥିବା ଭଳି ଟାନ୍ସୀ ଦ୍ୱାରା ନିର୍ମିତ ନିରାପଦ ସିନ୍ଦୁକ । ଏହା ସ୍ପଷ୍ଟ ଯେ କୋଷ ରକ୍ଷକଙ୍କ ଟଙ୍କା ବାକ୍ସରେ ରଖାଯାଇଥିବା ଗହଣା ପ୍ରଦର୍ଶ A-3 ଦ୍ୱାରା ଦର୍ଶାଯାଇଥିବା ଯୋଜନାରେ ଅନ୍ତର୍ଭୁକ୍ତ ନୁହେଁ ।

ରାଜ୍ୟ ଆୟୋଗ ପକ୍ଷମାନଙ୍କ ମଧ୍ୟରେ ପ୍ରକୃତ ବିବାଦକୁ ତର୍ଜମା କଲେ ଏବଂ ବୀମା ଯୋଜନାର ବ୍ୟାଖ୍ୟା ଏବଂ ଜିଲ୍ଲା ମଞ୍ଚ ସମ୍ମୁଖରେ ଉପସ୍ଥାପିତ ପ୍ରସ୍ତାବ ଉପରେ ବିବାଦର ନିଷ୍ପତ୍ତି ନେଲେ । "ନିରାପଦ ସିନ୍ଦୁକ" ଶବ୍ଦର ଅର୍ଥ ବୁଝିବା ପାଇଁ ଅଭିଧାନଗୁଡ଼ିକର ସହାୟତା ଲୋଡ଼ିବାର କୌଣସି ଆବଶ୍ୟକତା ନଥିଲା, ଯାହା ବର୍ତ୍ତମାନର ମାମଲାରେ ପକ୍ଷମାନେ ପ୍ରସ୍ତାବ ଦାଖଲ କରିବା ଏବଂ ବୀମା ଯୋଜନା ଗ୍ରହଣ କରିବା ସମୟରେ ବୁଝିଥିବା ପ୍ରମାଣିତ ହୋଇଛି । ବୀମା ଯୋଜନାର ଅର୍ଥ ମଧ୍ୟରେ କୋଷ ରକ୍ଷକଙ୍କ ବାକ୍ସକୁ ନିରାପଦ ସିନ୍ଦୁକ ସହିତ ଅନୁରୂପ ଭାବେ ତୁଳନା କରାଯାଇପାରିବ ନାହିଁ । ଆରୋପିତ ଚୋରି ଏବଂ ଗହଣା ଏବଂ ଟଙ୍କା ଥିବା ଟଙ୍କା ବାକ୍ସକୁ ହଟାଇବା ହେତୁ କ୍ଷତି, ପକ୍ଷମାନଙ୍କ ମଧ୍ୟରେ ହୋଇଥିବା ବୀମା ଯୋଜନାରେ ଅନ୍ତର୍ଭୁକ୍ତ ନଥିଲା । ବୀମା ଯୋଜନାକୁ କେବଳ ସେଥିରେ ଥିବା ସର୍ତ୍ତାବଳୀ ସହିତ ବିଚାର କରିବାକୁ ପଡିବ ଏବଂ ଏଥିରେ ଦେଖାଯାଉଥିବା ଶବ୍ଦଗୁଡ଼ିକୁ କୌଣସି କୃତ୍ରିମ ସୁଦୂରପ୍ରସାରୀ ଅର୍ଥ ଦିଆଯାଇପାରିବ ନାହିଁ । ତେଣୁ, ଜାତୀୟ ଆୟୋଗ, ରାଜ୍ୟ ଆୟୋଗଙ୍କ ଆଦେଶକୁ ରଦ୍ଦ କରିବାରେ ଏବଂ ଉତ୍ତରଦାତା ଭୋଗିଥିବା

ପ୍ରକୃତ କ୍ଷତିର ପରିମାଣକୁ ନିର୍ଦ୍ଧାରଣ କରିବାର ଉଦ୍ଦେଶ୍ୟରେ ମାମଲାକୁ ନିଜ ଅଧିନକୁ ଆଣିବାରେ ଯଥାର୍ଥ ନଥିଲେ । ରାଜ୍ୟ ଆୟୋଗଙ୍କ ଆଦେଶରେ କୌଣସି ଅବୈଧତା ନଥିଲା କିମ୍ବା ମାମଲାରେ ଜାତୀୟ ଆୟୋଗଙ୍କ ହସ୍ତକ୍ଷେପ ନିମନ୍ତେ,ରାଜ୍ୟ ଆୟୋଗଙ୍କ ଆଦେଶରେ ଏହାଙ୍କର କ୍ଷେତ୍ରାଧିକାରରେ ମଧ୍ୟ କୌଣସି ତ୍ରୁଟି ନଥିଲା ।

ଏହି ପରିସ୍ଥିତିରେ ଜାତୀୟ ଆୟୋଗଙ୍କ ଆଦେଶକୁ ରଦ୍ଦ କରି ଏବଂ ରାଜ୍ୟ ଆୟୋଗଙ୍କ ଆଦେଶକୁ ପୁନଃସ୍ଥାପିତ କରି ଏହି ଆବେଦନକୁ ଅନୁମତି ଦିଆଗଲା । ଉତ୍ତରଦାତା ବ୍ୟାଙ୍କ ଦ୍ୱାରା ଦାଖଲ କରାଯାଇଥିବା ଅଭିଯୋଗକୁ ଖାରଜ କରାଗଲା ବୋଲି ବିବେଚନା କରାଯିବ । କୌଣସି ଖର୍ଚ୍ଚ ନାହିଁ ।

ଏ. କେ. ଟି ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର :***

ତୁଷାର କାନ୍ତ ଗୋଛି
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।